# THE WORD OF TRUTH

**MAY & JUNE 2016**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

**Edited and Published**
**By**
***Joshua & Kabita Gootam***

## CHURCH OF CHRIST

P.O. Box. No-80, Kakinada
A.P. -533001.
Ph : 0884-2363722.

Vol-21. MAY&JUNE-2016. No-03

*Published every two months in Oriya language for the restoration of the pure New Testament Christianity.*

## *The Passover Principle in Christian Age*

***Title:*** The Passover Principle in Christian Age.

***Text:*** "Let the children of Israel also keep the Passover at his appointed season." (Num.9:2).

***Thesis:*** To studyPassoverPrinciple and its application to Christian age.

### *Introduction:*

1. The Israelites were being prepared to move from Mt. Sinai towards the Promised Land.
2. The Lord gave them the commandments to observe the Passover. (Num.9:1 – 14).
3. In this lesson we will study:
   a. What is the Passover?
      i. The Lord's commandments regarding Passover.
      ii. The laws regarding who shall keep the Passover.
      iii. Israel's observance of the Passover.
   b. Why and how is it observed in Christian age?
      i. Christ observed the Passover
      ii. The Passover in Christian age.

### *Discussion:*

I. What is the Passover?

A. The Lord's commandments to regarding Passover.

1. It was to be a memorial for them. (Exo.12:14).
2. To observe it on the fourteenth day of the first month. (Num.9:3).
3. To keep it according to their rites and their ceremonies. (Num.9:3).
4. Specifications of the Passover feast.

# ସତ୍ୟବାଣୀ
# VOICE OF TRUTH

VOL - XXI KAKINADA MAY-JUN-2016

## ପ୍ରାର୍ଥନା
## (Prayer)

ପ୍ରାର୍ଥନା ବାଇବଲର ଏକ ମୁଖ୍ୟ ବିଷୟବସ୍ତୁ । ପ୍ରାର୍ଥନାର ଅର୍ଥ ଈଶ୍ୱରଙ୍କ ସହିତ କଥା କହିବା ବା ଆମ୍ଭମାନଙ୍କ ବିନତୀ ତାହାଙ୍କୁ ଜଣାଇବା । ପ୍ରେରିତ ପାଉଲ ଫିଲିପ ମଣ୍ଡଳୀକୁ ଲେଖନ୍ତି, ''କୌଣସି ବିଷୟରେ ଚିନ୍ତିତ ହୁଅନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତୀ ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କ ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ ।'' (ଫିଲିପିୟ ୪:୬)

ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭମାନଙ୍କ ପିତା ଅଟନ୍ତି ଓ ପ୍ରତ୍ୟେକ ଖ୍ରୀଷ୍ଟିୟାନ ତାହାଙ୍କ ସନ୍ତାନ ଅଟୁ । ସେ ସର୍ବଶକ୍ତିମାନ ଓ ସମସ୍ତ ଆଶୀର୍ବାଦର ଆକାର । ଅନନ୍ତଜୀବୀ ପରମେଶ୍ୱର ସମସ୍ତ ଗୌରବ, ମହିମା ଓ ସମ୍ପଦର ଅଧିକାରୀ । ଯାକୁବଙ୍କ ଭାଷାରେ ''ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧିବର ଉର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶ ମାତ୍ର ବିକାର ନାହିଁ ।'' (ଯାକୁବ ୧:୧୭) । ତାହାଙ୍କ ସନ୍ତାନମାନେ ତାହାଙ୍କ ନିକଟରେ ନିବେଦନ କଲେ ସେ ସମସ୍ତ ଅଭାବ ପୂରଣ କରିବାକୁ ଶକ୍ତିବାନ ଓ କୃପାଶୀଳ ପିତା ଅଟନ୍ତି । ତାହାଙ୍କ ଐଶ୍ୱରିକ ଶକ୍ତିରେ ସମସ୍ତ ପ୍ରଲୋଭନରୁ ବିଜୟୀ ହୋଇପାରୁ । ତାହାଙ୍କ କରୁଣା ଆମ୍ଭମାନଙ୍କ ମୁକ୍ତିର କାରଣ ।

ପ୍ରାର୍ଥନା ବିଷୟରେ ଈଶ୍ୱରଙ୍କ ବାକ୍ୟ କଅଣ କହେ ? ଉଦ୍‌ବିଗ୍ନ ଶିଷ୍ୟବୃନ୍ଦଙ୍କୁ ଯୀଶୁଖ୍ରୀଷ୍ଟ ଉତ୍ସାହିତ କରି କହିଲେ, ''ପିତା ଯେପରି ପୁତ୍ରଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି । ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି ।'' (ଯୋହନ ୧୪:୧୩,୧୪) । ପୁନର୍ବାର ସେ କହନ୍ତି, ''ଯଦି ତୁମ୍ଭେମାନେ

ମୋ ଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କ ଠାରେ ରୁହେ, ତାହାହେଲେ ଯେ କୌଣସି ବିଷୟ ଇଚ୍ଛାକର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ । ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ ମୋହର ପିତା ମହିମାନ୍ୱିତ ହେବେ, ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ ।'' (ଯୋହନ ୧୫:୭,୮) । ''ତୁମ୍ଭେମାନେ ମୋତେ ମନୋନୀତ କରିନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କ ଫଳସ୍ଥାୟୀ ହୁଏ । ଏଥି ନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତି କରିଅଛି । ସେଥିରେ ତୁମ୍ଭେମାନେ ମୋ ନାମରେ ପିତାଙ୍କୁ ଯାହା କଛି ମାଗିବ, ସେ ତାହା ତୁମ୍ଭମାନଙ୍କୁ ଦେବେ ।'' (ଯୋହନ ୧୫:୧୬)

ପର୍ବତ ଉପଦେଶରେ ଯୀଶୁ ଜନସମୂହଙ୍କୁ କହିଲେ, ''ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ । ଖୋଜ ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ, ଦ୍ୱାରରେ ମାର ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ, ସେ ପାଏ, ଯେ ଖୋଜେ ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ ।'' (୭:୭,୮) ଏହି ସାନ୍ତ୍ୱନାପୂର୍ଣ୍ଣ ବାକ୍ୟ ସେ ସମୟର ଜନତାକୁ ତଥା ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଦତ୍ତ ଈଶ୍ୱରଙ୍କ ଉପହାର ।

ପ୍ରେରିତ ଯୋହନ ପ୍ରାର୍ଥନା ବିଷୟରେ ଆପଣା ପ୍ରଥମ ପତ୍ରରେ ଏପରି ଉଲ୍ଲେଖିତ କରନ୍ତି, ''ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଯାହାକିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ, ସେହିସବୁ ଯେ ପାଇଅଛି, ଏହା ମଧ୍ୟ ଜାଣୁ ।'' (୧ମ ଯୋହନ ୫:୧୪,୧୫)

ଏହି ବାକ୍ୟଗୁଡ଼ିକରୁ, ଈଶ୍ୱର ଆମ୍ଭମାନଙ୍କ ପ୍ରତ୍ୟେକ ପ୍ରାର୍ଥନା ଶୁଣନ୍ତି ବୋଲି ଜାଣିପାରୁ । କିନ୍ତୁ ପ୍ରତ୍ୟେକ ବିନତୀ, ନିବେଦନ ତାହାଙ୍କ ଗ୍ରହଣଯୋଗ୍ୟ ନୁହେଁ । ଆମ୍ଭମାନଙ୍କ ପ୍ରାର୍ଥନା ତାହାଙ୍କ ଗ୍ରହଣଯୋଗ୍ୟ ହେବା ନିମନ୍ତେ କେତୋଟି ସର୍ତ୍ତ ଏହି ବାକ୍ୟଗୁଡ଼ିକର ଦ୍ୱାରା ଆମ୍ଭମାନଙ୍କୁ ଜଣାଇ ଦିଆଯାଇଅଛି ।

ସର୍ବପ୍ରଥମେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅର୍ଥାତ୍ ଖ୍ରୀଷ୍ଟିୟାନ ହେବା ଆବଶ୍ୟକ । ଯୋହନ ୯:୩୧ ପଦରେ ପାପୀମାନଙ୍କ ପ୍ରାର୍ଥନା ଈଶ୍ୱର ଶୁଣନ୍ତି ନାହିଁ ବୋଲି କୁହାଯାଇଅଛି । ପାପୀମାନଙ୍କ ଅପରାଧ ସେମାନଙ୍କ ଓ ଈଶ୍ୱରଙ୍କ [illegible]

ବିଚ୍ଛେଦ ଆଣିଥାଏ । ଅନେକ ଶତାବ୍ଦୀ ପୂର୍ବରୁ ଯିଶାଇୟ ଭାବବାଦୀ ଦ୍ୱାରା ସଦାପ୍ରଭୁ କହନ୍ତି, ''ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇ ଯାଇନାହିଁ ଯେ, ତାହା ପରିତ୍ରାଣ କରି ନ ପାରେ, କିଅବା ତାହାଙ୍କର କର୍ଣ୍ଣ ଭାରି ହୋଇନାହିଁ ଯେ ତାହା ଶୁଣି ନ ପାରେ । ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇ ଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।'' (ଯିଶାଇୟ ୫୯:୧,୨) । ଈଶ୍ୱର ଆମ୍ଭମାନଙ୍କ ପିତା ଓ ଆମ୍ଭେମାନେ ତାହାଙ୍କ ସନ୍ତାନ ନ ହେଲେ ତାହାଙ୍କ ଠାରେ ଆମ୍ଭେମାନେ କିପରି ଆମ୍ଭମାନଙ୍କ ନିବେଦନ ଜଣାଇ ପାରିବା ? ଅଖ୍ରୀଷ୍ଟିୟାନମାନଙ୍କ ପ୍ରାର୍ଥନା ଯଦି ତାହାଙ୍କ ଗ୍ରହଣଯୋଗ୍ୟ ହୁଏ, ଖ୍ରୀଷ୍ଟିୟାନ ହେବାରେ ଅଧିକା ଲାଭ କଅଣ ?

ଦ୍ୱିତୀୟରେ, ଧାର୍ମିକ ଓ ବିଶ୍ୱସ୍ତ ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରାର୍ଥନା ଈଶ୍ୱର ଶୁଣନ୍ତି ବୋଲି ତାହାଙ୍କ ବାକ୍ୟ କହେ । ପ୍ରେରିତ ପିତର ସେ ସୁସମାଚାର ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି, ''କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି । ସେମାନଙ୍କ ବିନତୀ ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ, କିନ୍ତୁ ପ୍ରଭୁଙ୍କର ମୁଖ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ ।'' (୧ମ ପିତର ୩:୧୨) । ପୁନର୍ବାର ପାପରେ ପତିତ ଖ୍ରୀଷ୍ଟିୟାନମାନଙ୍କ ନିକଟରେ ପ୍ରାର୍ଥନା କଲେ । ସେ ପାପକ୍ଷମା କରିବାକୁ ପ୍ରେମମୟ ଓ କୃପାବାନ ପରମେଶ୍ୱର ଅଟନ୍ତି । ଯାକୁବଙ୍କ ଭାଷାରେ, ''ଅତଏବ, ପରସ୍ପର ନିକଟରେ ଆପଣା ଆପଣାର ପାପ ସ୍ୱୀକାର କର, ପୁଣି ସୁସ୍ଥ ହେବା ନିମନ୍ତେ ପରସ୍ପର ପାଇଁ ପ୍ରାର୍ଥନା କର । ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ ।'' (ଯାକୁବ ୫:୧୬) । ଫିଲିପଙ୍କ ପ୍ରଚାରରେ ଶମିରୋଣରେ ଅନେକ ଖ୍ରୀଷ୍ଟିୟାନ ହୋଇଥିଲେ । ପ୍ରେରିତ ପିତର ଓ ଯୋହନଙ୍କ ହସ୍ତାର୍ପଣ ଦ୍ୱାରା ସେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ପରିପୂର୍ଣ୍ଣ ହେବା ସେଠାରେ ଥିବା ଶିମୋହନ ଦେଖି, ସେହି ଶକ୍ତି ସେ ଟଙ୍କା ଦେଲେ କିଣିବା ପାଇଁ ଇଚ୍ଛା ପ୍ରକାଶ କଲେ । ସେଥିରେ ପିତର ଉତ୍ତର ଦେଲେ, ''ତୁମ୍ଭର ଟଙ୍କା ତୁମ୍ଭ ସହିତ ବିନଷ୍ଟ ହେଉ, କାରଣ ତୁମ୍ଭେ ଟଙ୍କା ଦ୍ୱାରା ଈଶ୍ୱରଙ୍କ ଦାନ କିଣିବାକୁ ଭାବିଲ, ଏ ବିଷୟରେ ତୁମ୍ଭର ଅଂଶ ନାହିଁ କି ଅଧିକାର ନାହିଁ, କାରଣ ଈଶ୍ୱରଙ୍କ ସାକ୍ଷାତରେ ତୁମ୍ଭର ହୃଦୟ ସରଳ ନୁହେଁ । ଅତଏବ, ତୁମ୍ଭର ଏହି ଦୁଷ୍ଟପଣରୁ ମନ ପରିବର୍ତ୍ତନ କରି ପ୍ରଭୁଙ୍କ ଠାରେ ପ୍ରାର୍ଥନା କର, କେଜାଣି ଅବା ତୁମ୍ଭ ହୃଦୟର କଳ୍ପନା କ୍ଷମା ହୋଇପାରେ ।

କାରଣ ତୁମ୍ଭେ ତିକ୍ତ ବିଷୟରେ ପରିପୂର୍ଣ୍ଣ ହୋଇ, ଅଧର୍ମରୂପ ବନ୍ଧନରେ ଆବଦ୍ଧ ଅଛ ବୋଲି ମୁଁ ଦେଖୁଅଛି । ସେଥିରେ ଶିମୋନ ଉତ୍ତର କଲା, ଆପଣମାନେ ଯାହା ଯାହା କହିଲେ, ସେଥିରୁ କୌଣସି ବିଷୟ ଯେପରି ମୋ ପ୍ରତି ନ ବର୍ତ୍ତେ, ଏଥିପାଇଁ ଆପଣମାନେ ମୋ ନିମନ୍ତେ ପ୍ରଭୁଙ୍କ ଛାମୁରେ ପ୍ରାର୍ଥନା କରନ୍ତୁ ।'' (ପ୍ରେରିତ ୮:୨୦-୨୪) । ମନ ପରିବର୍ତ୍ତନ ନ କରି ପାପ କ୍ଷମା ନ ମାଗି ଶିମୋନ କି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିପାରିଥାନ୍ତେ ? ତାହାଙ୍କ ଇଚ୍ଛା ପାଳନକାରୀମାନେ ସାହସ ସହିତ ପ୍ରାର୍ଥନାରେ ତାହାଙ୍କ ନିକଟବର୍ତ୍ତୀ ହୋଇଥାନ୍ତି ।

ତୃତୀୟରେ କେତୋଟି ସର୍ତ୍ତ ପାଳନ କଲେ ହେଁ ଈଶ୍ୱର ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି ବୋଲି ଈଶ୍ୱରଙ୍କ ବାକ୍ୟରୁ ଆମ୍ଭେମାନେ ଜାଣିପାରୁ । ଉଦାହରଣ ସ୍ୱରୂପ, ସେ କହନ୍ତି, ''ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି । ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲ ମୋହର ଆଜ୍ଞାସବୁ ପାଳନ କରିବ ।'' (ଯୋହନ ୧୪:୧୪,୧୫) ତାହାଙ୍କୁ ପ୍ରେମକାରୀ ସମସ୍ତେ ତାହାଙ୍କ ଆଜ୍ଞାଗୁଡ଼ିକ ପାଳନ କରନ୍ତି ଓ ସେମାନଙ୍କ ନିବେଦନ ଈଶ୍ୱରଙ୍କ ନିକଟରେ ଗ୍ରାହ୍ୟଯୋଗ୍ୟ । ପୁନର୍ବାର ଯୀଶୁ ଯୋହନ ୧୫:୭ରେ କହନ୍ତି, ''ଯଦି ତୁମ୍ଭେମାନେ ମୋ ଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କ ଠାରେ ରୁହେ, ତାହାହେଲେ ଯେକୌଣସି ବିଷୟ ଇଚ୍ଛା କର, ତାହା ମାଗ, ଆଉ ତୁମ୍ଭେମାନଙ୍କ ନିମନ୍ତେ ତାହା ସାଧିତ ହେବ ।'' (ମାଥିଉ ୧୫:୭) । ଯୀଶୁଖ୍ରୀଷ୍ଟ ତାହାଙ୍କର ଏହି ବାକ୍ୟଗୁଡ଼ିକରେ, 'ଯଦି' ପଦର ବ୍ୟବହାର କରିଅଛନ୍ତି, ଆଉ ତାହାଙ୍କ ସର୍ତ୍ତସବୁ ପାଳନ କଲେ ସେ ଆମ୍ଭମାନଙ୍କ ଆବଶ୍ୟକତା ପୂରଣ କରିବେ । ଯେ ଈଶ୍ୱରଙ୍କ ଠାରେ ଥାଏ ଓ ଯାହାଙ୍କ ଠାରେ ଈଶ୍ୱରଙ୍କ ବାକ୍ୟ ଥାଏ ସେ ତ ଈଶ୍ୱରଙ୍କ ସନ୍ତାନ । ପର୍ବତ ଉପଦେଶରେ ଯୀଶୁଖ୍ରୀଷ୍ଟ କହନ୍ତି, ''ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକଙ୍କୁ କେତେ ଅଧିକ ରୂପେ ଉତ୍ତମ ବିଷୟ ନ ଦେବେ ।'' (ମାଥିଉ ୭:୧୧)

ଶେଷରେ, ୧ମ ଯୋହନ ୫:୧୪,୧୫ ପଦ ଦ୍ୱାରା, ଈଶ୍ୱର ତାହାଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା ଶୁଣନ୍ତି ବୋଲି ସ୍ପଷ୍ଟ ଭାବେ କୁହାଯାଇଅଛି । କ୍ଷତିଜନକ କୌଣସି ପଦାର୍ଥ ପିତା ଆପଣା ପୁତ୍ରକୁ ଦିଅନ୍ତି ନାହିଁ । ମଙ୍ଗଳଦାୟକ କୌଣସି ଆଶୀଷ ପିତା

ଆପଣା ପୁତ୍ରକୁ ଅଟକାନ୍ତି ନାହିଁ । ସେହିପରି ଆମ୍ଭମାନଙ୍କ ସର୍ବଜ୍ଞାନୀ, ପ୍ରେମମୟ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ସମସ୍ତ ଉତ୍ତମ ଦାନରେ ଅନୁଗ୍ରହ କରନ୍ତି । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ।" (ରୋମୀୟ ୮:୨୮)

ଖ୍ରୀଷ୍ଟିୟାନମାନଙ୍କ ମଙ୍ଗଳ ଚିନ୍ତା କରିବା ପ୍ରେମମୟ ଓ କୃପାମୟ ସ୍ୱର୍ଗସ୍ଥ ପିତା ଅଛନ୍ତି । ପିତା ଯେପରି ଆପଣା ସନ୍ତାନମାନଙ୍କ ପ୍ରତି ପ୍ରେମ କହଇ, ସଦାପ୍ରଭୁ ଆପଣା ଭୟକାରୀମାନଙ୍କ ପ୍ରତି ସେ ରୂପେ ସ୍ନେହ କରନ୍ତି । କ୍ଳାନ୍ତ ନ ହୋଇ ପ୍ରାର୍ଥନା କରିବା ନିମନ୍ତେ ଯୀଶୁ ଲୂକ ୧୮:୧ ପଦରେ କହିଅଛନ୍ତି । ପାଉଲ ଥେଲସନୀକୀ ମଣ୍ଡଳୀକୁ ନିରନ୍ତର ପ୍ରାର୍ଥନା କରିବା ନିମନ୍ତେ ଉତ୍ସାହିତ କରନ୍ତି । (୧ମ ଥେସଲନୀକୀ ୫:୧୭) । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରାର୍ଥନା କରିବାରେ ନିବିଷ୍ଟ ଥିଲେ ପବିତ୍ର ଆତ୍ମା ସାକ୍ଷ୍ୟ ଦିଅନ୍ତି । (ପ୍ରେରିତ ୨:୪୨) । ପୀଡ଼ିତ ଲୋକମାନଙ୍କୁ ପ୍ରାର୍ଥନା କରିବା ନିମନ୍ତେ ଯାକୁବ ଆପଣା ପତ୍ରର ୫ ପଦରେ ଉଲ୍ଲେଖିତ କରିଅଚନ୍ତି କାରଣ ଧାର୍ମିକମାନଙ୍କ ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ । (ଯାକୁବ ୫:୧୬) । ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ମଧ୍ୟସ୍ଥ, ଆମ୍ଭମାନଙ୍କ ସପକ୍ଷବାଦୀ ଓ ମହାଯାଜକଙ୍କ ଦ୍ୱାରା ଆମ୍ଭମାନଙ୍କ ସମସ୍ତ ବିନତୀ ଅର୍ପଣ କରିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ସ୍ପଷ୍ଟ ଭାବେ ଜଣାଇ ଦିଏ । (୧ମ ଯୋହନ ୨:୧,. ତୀମଥି ୨:୫, ଏବ୍ରୀ ୩:୧)

ପ୍ରାର୍ଥନା ଖ୍ରୀଷ୍ଟିୟ ଜୀବନର ଏକ ପ୍ରଧାନ ମୂଳାଧାର । ପ୍ରାର୍ଥନା ବ୍ୟତୀତ ଆମ୍ଭେମାନେ ଆତ୍ମିକ ଜବୀନରେ ଅଭିବୃଦ୍ଧି କରି ନ ପାରୁ । ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା ହିଁ ତାହାଙ୍କ ଗ୍ରହଣଯୋଗ୍ୟ । ଈଶ୍ୱରଙ୍କ ବାକ୍ୟ ଧ୍ୟାନ କଲେ ତାହାଙ୍କ ଇଚ୍ଛା ଆମ୍ଭେମାନେ ଜାଣିପାରିବା । ଅନେକ ସମୟରେ ଆମ୍ଭେମାନେ କିପରି ପ୍ରାର୍ଥନା ଦୁର୍ବଳ ଓ ଆବଶ୍ୟକ ଜାଣି ନ ଥାଉଁ । ତଦ୍ୱାରା ଆମ୍ଭମାନଙ୍କ ପ୍ରାର୍ଥନା ଦୁର୍ବଳ ଓ ନିସାର ହୋଇଥାଏ । ଈଶ୍ୱର ଆପଣା ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି, ଆମ୍ଭେମାନେ ତାହାଙ୍କ ସହିତ କଥା କହିବାର ଏକମାତ୍ର ମାର୍ଗ ପ୍ରାର୍ଥନା । ପ୍ରାର୍ଥନା ଆମ୍ଭମାନଙ୍କ ଜୀବନର ଏକ ପ୍ରଧାନ ବର, ଆସ ଆମ୍ଭେମାନେ ତାହା ଦ୍ୱାରା ଈଶ୍ୱରଙ୍କ ନିକଟବର୍ତ୍ତୀ ହେଉ ।

- J.C. Choate

❋ ❋ ❋

# ଈଶ୍ରାୟେଲକୁ ପ୍ରତିଜ୍ଞାତ ଦେଶରେ କଢ଼ାଇ ନେଇଥିବା ନେତା
## (A Leader for Israel's First Steps)

ମିଶରର ବନ୍ଦୀତ୍ୱରୁ ଈଶ୍ରାୟେଲକୁ କଢ଼ାଇ ଆଣିଥିବା ନେତା ମୋଶାଙ୍କ ଅନାଜ୍ଞାବହତା ଯୋଗୁଁ, ସେ ସେମାନଙ୍କୁ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରାଇ ପାରିଲେ ନାହିଁ । ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ନିମନ୍ତେ ଏକ ନୂତନ ନେତା ମନୋନୀତ କଲେ । ବିଶ୍ୱାସ ଯୋଦ୍ଧା ଯିହୋଶୂୟ ପ୍ରତିଜ୍ଞାତ ଦେଶରେ ସେମାନଙ୍କୁ କଢ଼ାଇ ନେବା ନିମନ୍ତେ ସଦାପ୍ରଭୁ ପରମେଶ୍ୱରଙ୍କ ଦ୍ୱାରା ମନୋନୀତ କରାଗଲେ । କିଣାନ ଦେଶ ଅନୁସନ୍ଧାନ କରିବା ନିମନ୍ତେ ଦ୍ୱାଦଶ ବଂଶରୁ ଦ୍ୱାଦଶ ଅଧିପତିମାନଙ୍କୁ ମୋଶା ପ୍ରେରଣ କରିଥିଲେ । କିଣାନୀୟ ଦେଶ ଓ ସେଠାର ଅଧିପତିମାନଙ୍କୁ ଦେଖି ଦଶଜଣ ଅଧିପତି ଆଶ୍ଚର୍ଯ୍ୟ ଓ ଭୟଭୀତ ହୋଇଥିଲେ କିନ୍ତୁ କାଲେବ ଓ ଯିହେଶୂୟ କହିଲେ, ''ଆସ, ଆମ୍ଭେମାନେ ଏକାବେଳକେ ଉଠିଯାଇ ତାହା ଅଧିକାର କରୁ, ତାହା ପରାସ୍ତ କରିବାକୁ ଆମ୍ଭମାନଙ୍କର ଯଥେଷ୍ଟ ବଳ ଅଛି ।'' (ଗଣନା ୧୩.୧-୧୪.୩୦)

ଈଶ୍ରାୟେଲ ଗୋଷ୍ଠୀକୁ ଯର୍ଦ୍ଦନ ପାର କରାଇବାର ଦୃଢ଼ ଆକାଂକ୍ଷା ମୋଶାଙ୍କର ଥିଲେ ସୁଦ୍ଧା, ତାହାଙ୍କ ପଦରେ ଯିହୋଶୂୟ ସଦାପ୍ରଭୁଙ୍କ ଦ୍ୱାରା ମନୋନୀତ କରାଗଲେ । ତାହାଙ୍କୁ ଏହି ପଦରେ ନିଯୁକ୍ତ କରିବା ପୂର୍ବେ ସଦାପ୍ରଭୁ ପରମେଶ୍ୱର ସେହି କାର୍ଯ୍ୟ ନିମନ୍ତେ ତାହାଙ୍କୁ ଉପଯୁକ୍ତ ତାଲିମ ଦେଇଥିଲେ । ଉଦାହରଣ ସ୍ୱରୂପ-ଅମାଲେକମାନଙ୍କ ସହିତ ଈଶ୍ରାୟେଲ ଯୁଦ୍ଧ କରିବା ସମୟରେ ଯିହୋଶୂୟ ସେମାନଙ୍କ ନେତୃତ୍ୱ କରିଥିଲେ । (ଯାତ୍ରା ୧୭:୮-୧୬) । ବ୍ୟବସ୍ଥା ଗ୍ରହଣ କରିବାକୁ ମୋଶା ପର୍ବତ ଆରୋହଣ କରିବା ସମୟରେ ଓ ଅବତରଣର ଚାଳିଶି ଦିନର ସମୟ ବ୍ୟାଧିରେ ଈଶ୍ରାୟେଲ ଜାତି ବିପଦଗାମ ହୋଇ ସୁବର୍ଣ୍ଣ ଗୋବତ୍ସର ପୂଜା କରିବା ବେଳେ ଯିହୋଶୂୟ ମୋଶାଙ୍କ ସହିତ ଥିଲେ । (ଯାତ୍ରା ୩୨:୧-୨୦) । ଇଲଦମୀ ଓ ମେଦଙ୍କ ସପକ୍ଷରେ ନିଃସ୍ୱାର୍ଥପର ମୋଶାଙ୍କ ବିଚାର ସମୟରେ ଯିହୋଶୂୟ ସେଠାରେ ଉପସ୍ଥିତ ଥିଲେ । (ଗଣନା ୧୧:୨୪-୩୦)

ଆପଣାର ମୃତ୍ୟୁ ପରେ ଈଶ୍ରାୟେଲର ନେତୃତ୍ୱର ଭାର ବହନ କରିବା ନିମନ୍ତେ ଏକ ନେତା ମନୋନୀତ କରିବା ପାଇଁ ମୋଶା ସଦାପ୍ରଭୁଙ୍କ ଅନୁରୋଧ

କରିବାର ବିଷୟ ଆମ୍ଭେମାନେ ଗଣନା ୨୭:୧୫-୨୦ ପଦ ଗୁଡ଼ିକରେ ପଢ଼ିପାରୁ । ଇଲିୟାସର ଯାଜକ ଓ ସମସ୍ତ ଈଶ୍ରାୟେଲ ମଣ୍ଡଳୀ ସମ୍ମୁଖରେ ମୋଶା ଯିହୋଶୂୟଙ୍କ ଉପରେ ହସ୍ତାର୍ପଣ କରି ଆପଣା ସମ୍ଭ୍ରମ ତାହାଙ୍କୁ ଅର୍ପଣ କଲେ, ଯେପରିକି ଈଶ୍ରାୟେଲ ସମାଜ ମୋଶାଙ୍କ ସଦୃଶ୍ୟ ଯିହୋଶୂୟ ସେମାନଙ୍କ ନିମନ୍ତେ ମନୋନୀତ ବ୍ୟକ୍ତି ବୋଲି ଜ୍ଞାତ ହୋଇ ତାହାଙ୍କୁ ସମ୍ମାନିତ କରିବେ । ମୋଶାଙ୍କ ମୃତ୍ୟୁ ପରେ ସଦାପ୍ରଭୁ ପରମେଶ୍ୱରଙ୍କ ମନୋନୀତ ସନ୍ତାନମାନଙ୍କୁ ପ୍ରତିଜ୍ଞାତ ଦେଶରେ କଢ଼ାଇନେବାର ଭାର ଯିହୋଶୂୟଙ୍କ ସ୍କନ୍ଧରେ ପଡ଼ିଲା । ଲେଖାଯାଏ ''ମୋଶା ନୂନର ପୁତ୍ର ଯିହୋଶୂୟଙ୍କ ମସ୍ତକରେ ହସ୍ତାର୍ପଣ କରିଥିବାରୁ ସେ ଜ୍ଞାନଦାୟକ ଆତ୍ମାରେ ପରିପୂର୍ଣ୍ଣ ଥିଲେ । ପୁଣି ଈଶ୍ରାୟେଲ ସନ୍ତାନଗଣ ତାଙ୍କର କଥା ଶୁଣି ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞାନୁସାରେ କର୍ମ କରିବାକୁ ଲାଗିଲେ ।'' (୨ୟ ବିବରଣ ୩୪:୯) ।

ନେତୃତ୍ୱର ଭାର ଗ୍ରହଣ କରିବା ପରେ ଯିହୋଶୂୟଙ୍କୁ ଈଶ୍ରାୟେଲ ଜାତିକୁ ଯର୍ଦ୍ଦନ ପାର କରିବା ନିମନ୍ତେ ସଦାପ୍ରଭୁ ନିର୍ଦ୍ଦେଶ ଦେଲେ । (ଯିହୋଶୂୟ ୧:୧-୯) । ଜଣେ ଲେଖକଙ୍କ ମତରେ ଗାଲିଲୀ ସମୁଦ୍ର ଓ ମୃତ ସମୁଦ୍ର ମଧ୍ୟରେ ପ୍ରଖର ସ୍ରୋତ ବହୁଥିବା ୨୭ଟି ନଦୀଶଯ୍ୟା (Rapids) ଥିଲା । ସାତଶହ ଫୁଟ ଉଚ୍ଚତାରୁ ଜଳପାତ ହୋଇ ଷାଠିଏ ମାଇଲ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ଯର୍ଦ୍ଦନ ନଦୀର ପରିଧି । ଛଅଲକ୍ଷ ଈଶ୍ରାୟେଲ ଓ ତାହାଙ୍କ ମେଷପଲଙ୍କୁ ଏହିପରି ମହାନଦୀ ପାର କରାଇବାର ଭାର ସଦାପ୍ରଭୁ ଯିହୋଶୂୟଙ୍କୁ ସ୍କନ୍ଧରେ ଥୋଇଥିଲେ ।

''ଯେ ଯେ ସ୍ଥାନରେ ତୁମ୍ଭମାନଙ୍କ ତଳିପା ପଡ଼ିବ ସେସବୁ ସ୍ଥାନ ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ବାକ୍ୟାନୁସାରେ ଆମ୍ଭେ ତୁମ୍ଭମାନଙ୍କୁ ଦେଲୁ ।'' ସଦାପ୍ରଭୁଙ୍କର ଏହି ପ୍ରତିଜ୍ଞା ପ୍ରାପ୍ତି ନିମନ୍ତେ ଈଶ୍ରାୟେଲ ଗୋଷ୍ଠୀଙ୍କୁ କେତୋଟି ସର୍ତ୍ତ ପୂରଣ କରିବା ଆବଶ୍ୟକ ଥିଲା । ଯେପରି ବାକ୍ୟ କହେ, ''ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ଧ୍ୟାନ କର, ତାହାହେଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ ।'' ଦକ୍ଷିଣରେ ଆରବୀୟ ପ୍ରାନ୍ତର ଠାରୁ ଉତ୍ତରରେ ଲିବାନନ ପର୍ବତମାଳା ଏବଂ ପୂର୍ବରେ ଫରାତ୍ ନଦୀ ଠାରୁ ପଶ୍ଚିମରେ ଭୂମଧ୍ୟ ସାଗର (Mediteranean) ସମୁଦ୍ର ପର୍ଯ୍ୟନ୍ତ ଈଶ୍ରାୟେଲର ପ୍ରତିଜ୍ଞାତ ଦେଶରେ ସୀମା ଥିଲା । (ଯିହୋଶୂୟ ୧:୧-୯)

ସଦାପ୍ରଭୁଙ୍କ କାର୍ଯ୍ୟରେ ଅଗ୍ରସର ହୋଇଯିବା ନିମନ୍ତେ ସଦାପ୍ରଭୁ ମୋଶାଙ୍କର ଯେପରି ସହବର୍ତ୍ତୀ ଥିଲେ, ଯିହୋଶୂୟଙ୍କ ସହିତ ସେହିପରି ସହବର୍ତ୍ତୀ ହୋଇ ରହିବା ନିମନ୍ତେ ପ୍ରତିଜ୍ଞା କରିଥିଲେ । ବହୁ ଶକ୍ତିଶାଳୀ ଫାରୋ ମୋଶାଙ୍କ ପ୍ରତିରୋଧ କରିପାରି ନ ଥିବେ । ସେହିପରି ଭାବେ ଯିହୋଶୂୟଙ୍କ ବିରୁଦ୍ଧରେ କୌଣସି ଶକ୍ତି ବିଜୟୀ ହୋଇପାରିଲା ନାହିଁ । ଏବ୍ରୀ ପୁସ୍ତକ କର୍ତ୍ତା ଯିହୋଶୂୟଙ୍କ ପ୍ରତି ସଦାପ୍ରଭୁଙ୍କ କଥିତ ଏହି ବାକ୍ୟ ଦ୍ୱାରା ଆଦିମ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରନ୍ତି, ''ଆମ୍ଭେ ତୁମ୍ଭଙ୍କୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭଙ୍କୁ କେବେହେଁ ପରିତ୍ୟାଗ କରିବା ନାହିଁ ।'' (ଏବ୍ରୀ ୧୩:୫) । ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିବା ପର୍ଯ୍ୟନ୍ତ ତାହାଙ୍କ ଆଶୀଷ ଆମ୍ଭମାନଙ୍କ ସହବର୍ତ୍ତୀ ହୋଇଥାଏ । ମନୁଷ୍ୟମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଆଜ୍ଞାସବୁ ପାଳନ କରିବା ଦ୍ୱାରା ହିଁ ଆମ୍ଭେମାନେ ତାହାଙ୍କ ପ୍ରତିଜ୍ଞାତ ସମସ୍ତ ଆଶୀର୍ବାଦର ସହଭାଗୀ ହୋଇପାରିବା ।

**- Gary C. Hampton**

❋ ❋ ❋

# ଖ୍ରୀଷ୍ଟଙ୍କ ଠାରେ ନିହିତ ଆଶୀର୍ବାଦ

## (BLESSING IN CHRIST)

ଏଫିସୀ ପ୍ରଥମ ପର୍ବ ତୃତୀୟ ପଦରେ ଏପରି କୁହାଯାଇଅଛି, ''ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।''

ସମସ୍ତ ଆତ୍ମିକ ଆଶୀର୍ବାଦ ଖ୍ରୀଷ୍ଟଙ୍କ ଠାରେ ନିହିତ ହୋଇ ରହିଅଛି ବୋଲି ଏହି ବାକ୍ୟ ଦ୍ୱାରା ଜାଣିପାରୁ । ପରିତ୍ରାଣ - ''ଅତଏବ ମନୋନୀତ ଲୋକମାନେ ମଧ୍ୟ ଯେପରି ଅନନ୍ତ ଗୌରବ ସହିତ ଖ୍ରୀଷ୍ଟ ଯୀଶୁଙ୍କ ଦତ୍ତ ପରିତ୍ରାଣ ପ୍ରାପ୍ତ ହୁଅନ୍ତି, ଏଥିପାଇଁ ମୁଁ ସେମାନଙ୍କ ନିମନ୍ତେ ସମସ୍ତ ବିଷୟ ଧୈର୍ଯ୍ୟ ଧରି ସହ୍ୟ କରୁଅଛି ।'' (୨ୟ ତୀମଥି ୨:୧୦) ପାପକ୍ଷମା - ''ତାହାଙ୍କ ଅନୁଗ୍ରହ ରୂପନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇଅଛୁ ।'' (ଏଫିସୀ ୧:୭) । ପୁନର୍ବାର ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, ''ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ ।''

ଖ୍ରୀଷ୍ଟଙ୍କ ଠାରେ ମୃତ୍ୟୁଭୋଗିବା ଲୋକଙ୍କ ବିଷୟରେ ବାକ୍ୟ କହେ, ''ଯେଉଁମାନେ ପ୍ରଭୁଙ୍କ ଠାରେ ଥାଇ ମରନ୍ତି, ସେମାନେ ଧନ୍ୟ ।'' (ପ୍ରକାଶିତ ବାକ୍ୟ ୧୪:୧୩) । **ଅନନ୍ତ ଜୀବନ** – ପ୍ରେରିତ ଯୋହନ ଆପଣା ପ୍ରଥମ ପତ୍ରରେ ଏପରି ଲେଖନ୍ତି, ''ସେହି ସାକ୍ଷ୍ୟ ଏହି ଯେ, ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କ ଠାରେ ଅଛି ।'' (୧ମ ଯୋହନ ୫:୧୧) ।

ସୈନ୍ୟାଧିପତି ସଦାପ୍ରଭୁଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ସମସ୍ତ ଆଶୀର୍ବାଦର ଆକାର । ଖ୍ରୀଷ୍ଟଙ୍କ ଠାରେ ଥିବା ଲୋକେ ସେହ ଆଶୀଷ ସକଳର ଅଧିକାରୀ ହୋଇପାରିବେ । ତେବେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭେମାନେ କିପରି ପ୍ରବେଶ କରିପାରିବା ? ଈଶ୍ୱରଙ୍କ ବାକ୍ୟ କହେ, ''ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।'' (ରୋମୀୟ ୧୦:୧୦) । ପ୍ରେରିତ ୧୧:୧୮ ପଦରେ ପିତର କହନ୍ତି, ''....ଈଶ୍ୱର ବିଜାତିମାନଙ୍କୁ ମଧ୍ୟ ଜୀବନ ପ୍ରାପ୍ତି ନିମନ୍ତେ ମନପରିବର୍ତ୍ତନ ଦାନ କରିଅଛନ୍ତି ।'' (ପୁନର୍ବାର ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।'' (ରୋମୀୟ ୧୦:୧୦)

ରୋମୀୟ ଷଷ୍ଠ ପର୍ବ ତୃତୀୟ ପଦରେ କୁହାଯାଏ, ''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ବାପ୍ତିଜିତ ହେବା ପ୍ରତ୍ୟେକ ବ୍ୟକ୍ତି ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଥାନ୍ତି । ଗାଲାତୀ ମଣ୍ଡଳୀକୁ ପ୍ରେରିତ ପାଉଲ କହନ୍ତି, ''ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (୩:୭) । ବାପ୍ତିଜିତ ହେବା ଦ୍ୱାରା ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀରେ ସଂଯୁକ୍ତ କରାଯାଇଥାଏ । ଯେପରି ବାକ୍ୟ କହେ, ''.....ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ ଆଉ ସମସ୍ତେ ଏକ ଆତ୍ମାରୁ ପାନ କରୁଅଛୁ । (୧ମ କରିନ୍ଥୀ ୧୨:୧୩) ।

ଉପରଲିଖିତ ବାକ୍ୟଗୁଡ଼ିକରୁ ଖ୍ରୀଷ୍ଟଙ୍କ ଠାରେ ନିହିତ ଅନେକ ଆଶୀଷ ବିଷୟ ଜାଣିପାରିଲୁ । ସେହି ଆଶୀଷଗୁଡ଼ିକର ଲାଭ କରିବା ନିମନ୍ତେ ଆମ୍ଭମାନଙ୍କୁ ବାପ୍ତିସ୍ମ

ଦ୍ୱାରା ଖ୍ରୀଷ୍ଟଙ୍କ ଠାରେ ତଥା ତାହାଙ୍କ ମଣ୍ଡଳୀରେ ପ୍ରବେଶ କରିବା ଆବଶ୍ୟକ । ତାହାଙ୍କ ଆଜ୍ଞାପାଳନ ନ କରି ତାହାଙ୍କ ଠାରୁ ଦୂରରେ ରହି ତାହାଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇପାରିବା ନାହିଁ । ତେଣୁ କରି ଆସ, ଖ୍ରୀଷ୍ଟଙ୍କ ଆଜ୍ଞା ସକଳ ପାଳନ କରି ତାହାଙ୍କ ଠାରେ ଥିବା ସକଳ ଆତ୍ମୀୟ ଆଶୀଷର ସହଭାଗୀ ହେଉଁ ।

"ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" (ଯାକୁବ ୧:୧୭)

- John Stacy

❋❋❋

## ଦର୍କା

### (Dorcas - who interupted her own funeral)

ଯାଫୋରେ ନାମକ ନଗରରେ ଟବୀଥା ନାମ୍ନୀ ଏକ ମହିଳା ଥିଲେ, ଅନାବୃଦ୍ଧ କଲେ ଏହି ନାମର ଅର୍ଥ ଦର୍କା ବା ହରିଣୀ । ସତ୍‌କର୍ମ ଓ ଦାନକ୍ରିୟାରେ ସୁପରିଚିତ ଦର୍କା ପୀଡ଼ିତ ହୋଇ ପ୍ରାଣତ୍ୟାଗ କରିବାରୁ ତାହାଙ୍କ ବନ୍ଧୁମାନେ ପ୍ରେରିତ ପିତରଙ୍କୁ ଖବର ପଠାଇ ଯାଫୋଙ୍କୁ ଅଣାଇଲେ । ସମାଧି ନିମନ୍ତେ ପ୍ରସ୍ତୁତ କରାଯାଉଥିବା ଦର୍କାଙ୍କୁ ଶରୀରକୁ ପିତର ପୁନର୍ଜୀବିତ କରିବାର ବିବରଣୀ ଆମ୍ଭେମାନେ ପ୍ରେରିତ ୯:୩୬-୪୩ ପଦଗୁଡ଼ିକରେ ପଢ଼ିପାରୁ । ଦର୍କାଙ୍କ ଧାର୍ମିକତା ତାହାଙ୍କୁ ପୁନର୍ଜୀବିତ କରି ନ ଥିଲା । କାରଣ କୌଣସି ଧାର୍ମିକ ବ୍ୟକ୍ତି ଆପଣା ଧାର୍ମିକତା ଯୋଗୁଁ ପୁନର୍ଜୀବିତ ହେବା ବିଷୟ ବାଇବଲ ବ୍ୟତୀତ ଆଉ କୌଣସି ପୁସ୍ତକରେ ଲିଖିତ ହୋଇନାହିଁ । ୨ୟରେ ଈଶ୍ୱର ଭକ୍ତ ପ୍ରତ୍ୟେକ ବ୍ୟକ୍ତି ଇହଜଗତରୁ ପାରଦୀଶରେ ରହିବା ଅଧିକ ଶ୍ରେୟସ୍କର ମନେ କରନ୍ତି । ତେବେ ପ୍ରେରିତ ପିତର ତାହାଙ୍କୁ କାହିଁକି ମୃତ୍ୟୁରୁ ପୁନର୍ଜୀବିତ କରିଥିଲେ ? ମୃତ୍ୟୁଞ୍ଜୟୀ ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ମୃତ୍ୟୁ ଜୟ କରି ପାରିବା ବୋଲି ସେଠାରେ ଉପସ୍ଥିତ ଲୋକମାନଙ୍କୁ ଜଣାଇବା ନିମନ୍ତେ ସେ ଦର୍କାଙ୍କ ଜୀବନ ନିମନ୍ତେ ପ୍ରାର୍ଥନା କରିଥିଲେ ।

I. (୧) ଦୀର୍ଘକାଳ ଜୀବନ ମନୁଷ୍ୟର ପ୍ରକୃତ ଜୀବନର ପରିମାଣ ନୁହେଁ । ପୁରାତନ ନିୟମର ସମୟରେ ଅନେକ ଦୀର୍ଘକାଳ ପର୍ଯ୍ୟନ୍ତ ଜୀବିତ ଥିଲେ ସୁଦ୍ଧା କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରି ନ ଥିଲେ । (୨) ଏହି ଜାଗତିକ ଭାବେ ସମ୍ପତ୍ତିଶାଳୀ ବ୍ୟକ୍ତିମାନେ ମଧ୍ୟ ପ୍ରକୃତ ଜୀବନର ଅଧିକାରୀ ନୁହନ୍ତି । ''.....କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ ।'' (ଲୂକ ୧୨:୧୫) । ଅପାର ସମ୍ପତ୍ତି, ସମ୍ଭବ ଗୌରବର ଅଧିକାରୀ ମହାରାଜା ଜ୍ଞାନୀ ଶଲୋମନ ଜାଗତିକ ସବୁ ବିଷୟ ଅସାର ବୋଲି ଆପଣା ନୀତିବାକ୍ୟରେ କହିଅଛନ୍ତି । (୩) ଅନ୍ୟମାନଙ୍କ ଜୀବନ ସହିତ ଆମର ଜୀବନ ସହିତ ତୁଳନା କରି ଆପଣାକୁ ଶ୍ରେଷ୍ଠତର ମନେ କରିବା ମୂର୍ଖତାର ବିଷୟ । ପ୍ରେରିତ ପାଉଲଙ୍କ ଭାଷାରେ, ''କାରଣ ଯେଉଁମାନେ ଆତ୍ମପ୍ରଶଂସା କରନ୍ତି ସେମାନଙ୍କ ମଧ୍ୟରୁ କାହାରି ସାଙ୍ଗରେ ଆପଣା ଆପଣାକୁ ଗଣନା ବା ତୁଳନା କରିବାକୁ ଆମ୍ଭେମାନେ ସାହସ କରୁନାହିଁ, କିନ୍ତୁ ସେମାନେ ନିଜେ ନିଜେ ଆପଣା ଆପଣାମାନଙ୍କ ଦ୍ୱାରା ଆପଣା ଆପଣାର ପରିମାଣ ଓ ଆପଣା ଆପଣାର ତୁଳନା କରି ନିର୍ବୋଧତା ପ୍ରକାଶ କରନ୍ତି ।'' (୨ୟ କରିନ୍ଥୀ ୧୦:୧୨) । ଓସାର ଓ ପ୍ରଶସ୍ତ ପଥ ସର୍ବନାଶକୁ ଘେନିଯାଏ । ଜୀବନ୍ତ ପରମେଶ୍ୱରଙ୍କ ବିଚାର ସମ୍ମୁଖରେ ଠିଆହୋଇ, ''ମୁଁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠତର ବୋଲି ଆତ୍ମପ୍ରଶଂସା କଲେ ଆମ୍ଭେମାନେ କି ଧାର୍ମିକଗଣିତ ହୋଇପାରିବା ?''

## II. ପ୍ରକୃତ ଜୀବନର ପରିଣାମ କଅଣ:-

ଆମ୍ଭେମାନେ କିପରିଭାବେ ଈଶ୍ୱରଙ୍କୁ ପ୍ରେମ କରୁଅଛୁ ? ଆମର ପରିବାର କୌଣସି ଜଟିଳ ସମସ୍ୟାର ସମ୍ମୁଖୀନ ହେଲେ ଈଶ୍ୱରଙ୍କ ପ୍ରତି ଆମ୍ଭର ପ୍ରେମର ପ୍ରକୃତ ପରୀକ୍ଷା ହୁଏ । ଦର୍କାଙ୍କ ମୃତ୍ୟୁ ପରେ ତାହାଙ୍କ ଦ୍ୱାରା ଉପକାର ପ୍ରାପ୍ତ ବିଧବାମାନେ ଦର୍କା ସେମାନଙ୍କ ସହ ଥିବା ସମୟରେ ଯେଉଁସବୁ ଅଙ୍ଗରଖା ଓ ବସ୍ତ୍ରଗୁଡ଼ିକ ବନାଇଥିଲେ ତାହା ସବୁ କାନ୍ଦି କାନ୍ଦି ପିତରଙ୍କୁ ଦେଖାଇଲେ । ତଦ୍ୱାରା ଦର୍କାଙ୍କ କୋମଳ ଓ ପ୍ରେମୀ ହୃଦୟର ମନୋଭାବ ପ୍ରକାଶ ପାଏ । ଆମ୍ଭମାନଙ୍କ ପ୍ରତ୍ୟେକ କାର୍ଯ୍ୟ ପ୍ରତ୍ୟେକ କଥା ଆମ୍ଭମାନଙ୍କ ହୃଦୟର ସ୍ଥିତିର ନିଦର୍ଶନ । (୧) ଯୀଶୁ କହିଲେ, ''ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ ସମସ୍ତ ପ୍ରାଣ ଓ ସମସ୍ତ ମନଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହାହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ଦ୍ୱିତୀୟ ଏହାର

ସଦୃଶ୍ୟ, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର ।'' (ମାଥିଉ ୨୨:୩୭-୩୯) ଆମ୍ଭମାନଙ୍କ ଆଚରଣ ଆମ୍ଭମାନଙ୍କ ହୃଦୟରେ ଥିବା ଆତ୍ମିକ ବା ଜାଗତିକ ପ୍ରେମର ପରିଣାମ ନିରୂପଣ କରେ । (୨) କୌଣସି ମନୁଷ୍ୟ ଈଶ୍ୱରଙ୍କୁ ଓ ଜଗତ ଉଭୟକୁ ପ୍ରେମ କରି ନ ପାରେ । ଯେ ଜଗତକୁ ପ୍ରେମ କରେ, ତାହାର ଅନ୍ତରରେ ଈଶ୍ୱରଙ୍କ ପ୍ରତି ପ୍ରେମ ନାହିଁ । ଜାଗତିକ ବିଷୟରେ ଆସକ୍ତ ହୋଇ ଆତ୍ମିକ ବିଷୟରେ ଅବହେଳା କରିବା ଲୋକେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବେ ନାହିଁ । ଆତ୍ମିକତାରେ ଉନ୍ନତି କରିବା କେବଳ ଏକ ଦିନର କାମ ନୁହେଁ, କିନ୍ତୁ ଦିନ ପ୍ରତିଦିନ ତାହା ଅଭ୍ୟାସ କରିବାକୁ ପଡ଼େ । ଅନେକେ ଉଭୟ ଜଗତକୁ ପ୍ରେମ କରିବାକୁ ଇଚ୍ଛା କରନ୍ତି, କିନ୍ତୁ ଈଶ୍ୱରଙ୍କ ବାକ୍ୟ ଏପରି କହେ, ''ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହା ଠାରେ ନାହିଁ; କାରଣ ଶାରୀରିକ ଅଭିଳାଷ ଓ ଲୌକିକ ଗର୍ବ ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଅଛି । (୧ମ ଯୋହନ ୨:୧୫-୧୭) । (୩) ଆମ୍ଭମାନଙ୍କ ପ୍ରେମ, ଆମ୍ଭମାନଙ୍କ ଘୃଣାର ବିଷୟ ମଧ୍ୟ ପ୍ରକାଶ କରେ । ସତ୍ୟପ୍ରେମୀ ପ୍ରତ୍ୟେକେ ଅସତ୍ୟକୁ ଘୃଣା କରନ୍ତି । ଅସତ୍ୟ, ଦୁର୍ନୀତି, ପ୍ରତାରଣା ଓ ସମସ୍ତ ଦୃଷ୍ଟତାରୁ ଆମ୍ଭମାନଙ୍କୁ ରକ୍ଷାକରିବା ନିମନ୍ତେ ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । ସତ୍ୟକୁ ଘୃଣା କରି ଅସତ୍ୟକୁ ପ୍ରେମ କରିବା ଲୋକଙ୍କ ଅବସ୍ଥା କଅଣ ହେବ, ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟରେ ପଢ଼ିପାରିବା । ସତ୍ୟ ଗ୍ରହଣ ନ କରି, ଅଧର୍ମତାରେ ଅଭିଳାଷୀମାନଙ୍କୁ ଦଣ୍ଡଦେବା ନିମନ୍ତେ ଈଶ୍ୱରଙ୍କ ନିକଟରୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରାଯାଇଅଛି । (୨ୟ ଥେସଲନୀକୀ ୨:୧୦-୧୨) ।

**III.** ଆମ୍ଭମାନଙ୍କ ଜୀବନ କେଉଁ ମୂଳଦୁଆ ଉପରେ ପ୍ରତିଷ୍ଠିତ ? ମାଥିଉ ୭:୨୪-୨୭ ପଦଗୁଡ଼ିକରେ ଯୀଶୁ ପ୍ରତ୍ୟେକ ମନୁଷ୍ୟ ପ୍ରସ୍ତର ବା ବାଲି କୌଣସି ଏକ ମୂଳଦୁଆ ଉପରେ ପ୍ରତିଷ୍ଠିତ ବୋଲି କହିଅଛନ୍ତି । ଯେଉଁମାନେ ପ୍ରସ୍ତର ମୂଳଦୁଆ ଉପରେ ପ୍ରତିଷ୍ଠିତ ? ପ୍ରଭୁଙ୍କର ବାକ୍ୟ ଶ୍ରବଣ କରି ତଦନୁଯାୟୀ ଜୀବନଯାପନ କରନ୍ତି । ସେମାନେ ପ୍ରସ୍ତର ଉପରେ ଗୃହ ବାନ୍ଧିଥିବା ବୁଦ୍ଧିମାନ ଲୋକଙ୍କ ସଦୃଶ୍ୟ । ଈଶ୍ୱରଙ୍କ ବାକ୍ୟର ଅବଜ୍ଞାକାରୀ ପ୍ରତ୍ୟେକେ ବାଲି ମୂଳଦୁଆ ଉପରେ ଘର ବାନ୍ଧିଥିବା

ମୁର୍ଖଲୋକଙ୍କ ସଦୃଶ୍ୟ । ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ କିପରି ଭାବେ ପାଳନ କରୁଅଛୁ, ତାହା ଆମ୍ଭମାନଙ୍କ ମୂଳଦୁଆ ନିର୍ଣ୍ଣୟ କରେ । (୨) ଯୀଶୁ କହିଲେ, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬) । ''......ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନ କଲେ ଆପଣା ଆପଣା ପାପରେ ମରିବ ।'' (ଯୋହନ ୮:୨୪) । ''.....ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।'' (ଲୂକ ୧୫:୩) । ଯୀଶୁଖ୍ରୀଷ୍ଟଙ୍କର ଏହି ଆଜ୍ଞାଗୁଡ଼ିକର ଆଜ୍ଞାବହ ନ ହେଲେ, ବାଲି ଉପରେ ଆପଣା ଘର ବାନ୍ଧିଥିବା ମୁର୍ଖଲୋକଙ୍କ ସଦୃଶ୍ୟ ଆମ୍ଭମାନଙ୍କ ପତନ ଭୟଙ୍କର ହେବ । ସମୟ ଥାଉଁ ଥାଉଁ ଆମ୍ଭମାନଙ୍କ ଜୀବନରୂପ ଗୃହ ଈଶ୍ୱରଙ୍କ ବାକ୍ୟ ରୂପ ମୂଳଦୁଆ ଉପରେ ପ୍ରତିଷ୍ଠିତ କଲେ, ବୃଷ୍ଟି ବା ବତାସ ଆମ୍ଭମାନଙ୍କର କିଛି ନଷ୍ଟ କରିପାରିବ ନାହିଁ ।

**IV.** ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପ୍ରତିଭାର ଅଧିକାରୀ । ଯୀଶୁଖ୍ରୀଷ୍ଟ ମାଥିଉ ୨୫:୧୪-୩୦ରେ ପାଞ୍ଚଟି ତୋଡ଼ା ଦୁଇ ତୋଡ଼ା ଓ ଗୋଟିଏ ତୋଡ଼ା ପ୍ରାପ୍ତ ବ୍ୟକ୍ତିମାନଙ୍କ ଉଦାହରଣ ଦେଇଅଛନ୍ତି । ପାଞ୍ଚ ତୋଡ଼ା ଓ ଦୁଇତୋଡ଼ା ବ୍ୟକ୍ତିମାନେ ବ୍ୟବସାୟ କରି ତାହାଙ୍କ ତୋଡ଼ାର ଦୁଇଗୁଣ ଫଳ ପାଇଥିଲେ । କିନ୍ତୁ ଗୋଟିଏ ତୋଡ଼ା ପ୍ରାପ୍ତ ବ୍ୟକ୍ତି ତାହା ନେଇ ମାଟିତଳେ ପୋତି ରଖିବାରୁ, ତାହାର ପ୍ରଭୁ ତାହାକୁ ଦୁଷ୍ଟ ଓ ଅଳସ ଦାସ ବୋଲି ଅନୁଯୋଗ କରିଥିଲେ । ତୁମ୍ଭମାନଙ୍କୁ ଦତ୍ତ ତୋଡ଼ା କେବଳ ସ୍ୱଲାଭ ନିମନ୍ତେ ବ୍ୟବହାର କରୁଅଛୁ କି ? ଅନେକେ ଈଶ୍ୱରଙ୍କ ଦତ୍ତ ପ୍ରତିଭା ଈଶ୍ୱରଙ୍କ ସେବାରେ ବିନିଯୋଗ ନ କରି, ସ୍ୱଲାଭ ନିମନ୍ତେ ବିନିଯୋଗ କରୁଅଛନ୍ତି ।

୨) ଦର୍କା ଆପଣା ସମକ୍ଷମତାନୁଯାୟୀ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ । ଯୋପେ ଏକ ବନ୍ଦର ସହର ହାଇଥିବାରୁ, ସମୁଦ୍ର ବ୍ୟବସାୟୀମାନେ ସେହି ସହରରେ ବାସ କରୁଥିଲେ । ସେମାନଙ୍କ ଆବଶ୍ୟକତାନୁଯାୟୀ, ଆପଣା ସମକ୍ଷମତାନୁଯାୟୀ ସେମାନଙ୍କୁ ସାହାଯ୍ୟ କରୁଥିଲେ । ସେଠାରେ ଥିବା ବିଧବାମାନଙ୍କୁ ଆବଶ୍ୟକୀୟ ଅଙ୍ଗବସ୍ତ୍ର ଯୋଗାଇ ସେମାନଙ୍କ ହୃଦୟରେ ସ୍ଥାନ ପାଇଥିଲେ । ଯୀଶୁ କହିଲେ ତୁମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ଶ୍ରେଷ୍ଠ, ସେ ତୁମ୍ଭମାନଙ୍କ ସେବକ ହେବ ।'' (ମାଥିଉ ୨୩:୧୧)

ଦୀନହୀନ ଓ କ୍ଳେଶରେ ପୀଡ଼ିତ ଲୋକମାନଙ୍କ ଆବଶ୍ୟକତାରେ [illegible] ପ୍ରତ୍ୟେକ ଖ୍ରୀଷ୍ଟିୟାନର କର୍ତ୍ତବ୍ୟ । ସ୍ୱାର୍ଥପରତା ଓ ଅଳସତା ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ପ୍ରତିରୋଧ କରେ । ପ୍ରତିବାସୀର କ୍ଳେଶ ଓ ଯାତନାରେ ସାହାଯ୍ୟ ନ କଲେ ପ୍ରତିବାସୀକୁ ଆତ୍ମତୁଲ୍ୟ କିପରି ପ୍ରେମ କରିବ ? ଯାକୁବଙ୍କ ଅନୁଯାୟୀ ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ ।

୩) **ଈଶ୍ୱର ଆପଣାଙ୍କୁ ଲୋଡ଼ନ୍ତି :-** ଈଶ୍ୱର ମନୁଷ୍ୟମାନଙ୍କ ଦ୍ୱାରା ଆପଣା କାର୍ଯ୍ୟ ସାଧନ କରନ୍ତି । ଈଶ୍ୱରଙ୍କ କାର୍ଯ୍ୟ ତାହାଙ୍କ ସନ୍ତାନମାନେ ନ କଲେ ଆଉ କିଏ କରିବ ? ତାହାଙ୍କ କାର୍ଯ୍ୟରେ ଆସକ୍ତ ନ ହୋଇ ତାହାଙ୍କ ଠାରୁ କେବଳ ମଙ୍ଗଳଦାନ କି ଆଶା କରୁଅଛୁ ? ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉପରେ ଈଶ୍ୱରଙ୍କ କାର୍ଯ୍ୟର ଭାର ରହିଅଛି । ଆମ୍ଭମାନଙ୍କ କର୍ତ୍ତବ୍ୟରେ ଅବହେଳା କଲେ, ଈଶ୍ୱରଙ୍କ ବିଚାରରେ ଆମ୍ଭେମାନେ ଦୋଷୀ ହେବା । ଏହି ଅନ୍ଧକାର ଜଗତ ଆଲୋକ, ଏହି ନିସାର ଜଗତ ଲବଣ ସ୍ୱରୂପ ଖ୍ରୀଷ୍ଟିୟାନ ଆବଶ୍ୟକ କରେ । ଯିଶାଇୟଙ୍କ ସଦୃଶ୍ୟ, ''ମୁଁ ଅଛି, ମୋତେ ପଠାଅ'' ବୋଲି କି କହିପାରିବା ? ସମୟ ଅତି ଅଳ୍ପ, କାମ ବହୁତ, ତେଣୁ ଈଶ୍ୱର ତାହାଙ୍କ କାମ ନିମନ୍ତେ ଆପଣାଙ୍କୁ ଲୋଡ଼ନ୍ତି ।

## V. ଆମ୍ଭମାନଙ୍କ ସ୍ୱଭାବ :-

''ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ, ଯେହେତୁ ତହିଁରୁ ଜୀବନର ପ୍ରବାହ ବହଇ ।'' (ହିତ ୪:୨୩) । ପ୍ରତ୍ୟେକ ମନୁଷ୍ୟ ତାହାର ସ୍ୱଭାବ ଦ୍ୱାରା ସ୍ମରଣୀୟ ହୁଏ । ଆମ୍ଭମାନଙ୍କ ବ୍ୟବହାର ଆମ୍ଭମାନଙ୍କ ସ୍ୱଭାବ ପ୍ରତୀକ । ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ମନୋଭାବ କରିବା ଆମ୍ଭମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ । ବାକ୍ୟ ଦାଉଦଙ୍କ 'ସଦାପ୍ରଭୁଙ୍କ ନିଜ ମନର ମତ ଏକ ଜଣ' ବୋଲି କହେ । ସେ କହନ୍ତି, ହେ ପରମେଶ୍ୱର, ମୋ ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କରକି ମୋ ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର ।'' (ଗୀତ ୫୧:୧୦) (୨) ପ୍ରତିଜଣ ଆପଣା ଆପଣା ପରୀକ୍ଷା କରୁ - ଆପଣା ଆପଣାକୁ ପରୀକ୍ଷା କରି ଆମ୍ଭମାନଙ୍କର [illegible]

ଜାଣି, ଈଶ୍ୱରଙ୍କ ସେବା ଓ ମନୁଷ୍ୟମାନଙ୍କ ସାହାଯ୍ୟରେ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ । ଅନେକ ପୁରୁଷ-ସ୍ତ୍ରୀମାନେ ଅନ୍ୟମାନଙ୍କ ସେବାରେ ଆପଣା ଜୀବନ ଉତ୍ସର୍ଗ କରିବାର ବିଷୟ ବାଇବଲ ତଥା ଜାଗତିକ ଇତିହାସରେ ପଢ଼ିପାରିଥାଉଁ ।

**VI.** ଆମ୍ଭମାନଙ୍କ ବାକ୍ୟ ବା କଥା ଆମ୍ଭମାନଙ୍କ ହୃଦୟର ପରିସ୍ଥିତି ଜଣାଏ । ଯେହେତୁ, ''ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ... ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।'' (ମାଥିଉ ୧୨:୩୪-୩୭) । ଏହି ଜଗତରୁ ବିଦାୟ ନେଇ ପର ଜଗତକୁ ଚାଲିଥିବା ଲୋକେ ଆପଣା ବାକ୍ୟ ଦ୍ୱାରା ସ୍ମରଣୀୟ ହୁଅନ୍ତି । କାରଣ ଆମ୍ଭମାନଙ୍କ ବ୍ୟକ୍ତ ବାକ୍ୟ ଆମ୍ଭମାନଙ୍କ ପ୍ରକୃତ ବ୍ୟକ୍ତିତ୍ୱର ପରିଚୟ । (୨) କପଟ ଜିହ୍ୱା ଠାରୁ ବିଷୟମୟ ଆଉ କିଛି ନାହିଁ । ଆମ୍ଭମାନଙ୍କ ଜିହ୍ୱା ଆମ୍ଭମାନଙ୍କ ଆତ୍ମିକ ସ୍ଥିତିର ପ୍ରତିବିମ୍ବ । ଯାକୁବଙ୍କ ଭାଷାରେ ''ଯେଣୁ ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡୁ । ଯଦି କେହି ବାକ୍ୟରେ ଝୁଣ୍ଟି ନ ପଡ଼େ ତେବେ ସେ ସିଦ୍ଧ ପୁରୁଷ, ସମସ୍ତ ଶରୀରକୁ ମଧ ବଶରେ ରଖିବାକୁ ସମର୍ଥ ।'' (ଯାକୁବ ୩:୨) । ତେଣୁ ଆମ୍ଭମାନଙ୍କ ଜିହ୍ୱା ସବୁବେଳେ ଜାଗ୍ରତ ରହିବା ଆବଶ୍ୟକ । (କ) ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି ବୋଲି ଜ୍ଞାନୀ ଶଲୋମନ ହିତ ୬:୧୬-୧୭ରେ କହିଅଛନ୍ତି । ସେଥିରେ ତିନୋଟି କୁକାର୍ଯ୍ୟ 'ଜିହ୍ୱା' ଦ୍ୱାରା ହୁଏ । (ଖ) ''ଅତଏବ ମିଥ୍ୟା ପରିତ୍ୟାଗ କରି ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀ ସହିତ ସତ୍ୟ ଆଳାପ କର, କାରଣ ତୁମ୍ଭେମାନେ ପରସ୍ପର ଅଙ୍ଗ ପ୍ରତ୍ୟଙ୍ଗ ।'' (ଏଫିସୀ ୪:୨୫) । (ଗ) ''ପରମେଶ୍ୱରଙ୍କ ଦୟା ନିତ୍ୟସ୍ଥାୟୀ, ତୁମ୍ଭର ଜିହ୍ୱା ନିତାନ୍ତ ଦୁଷ୍ଟତା କଳ୍ପନା କରି ତୀକ୍ଷ୍ଣକ୍ଷୁର ତୁଲ୍ୟ ପ୍ରବଞ୍ଚନା ପୂର୍ବକ କାର୍ଯ୍ୟ କରୁଅଛି ।'' (ଗୀତ ୫୨:୨) । (ଘ) ''କାହାର କାହାର ବାଚାଳତା ଖଡ୍‌ଗଘାତ ପରି; ମାତ୍ର ଜ୍ଞାନୀର ଜିହ୍ୱା ସ୍ୱାସ୍ଥ୍ୟ ଜନକ ।'' (ହିତ ୧୨:୧୮) । (ଙ) ''ତୁମ୍ଭ ସୁକର୍ମ ଅପେକ୍ଷା କୁକର୍ମକୁ ଓ ଧର୍ମକଥା ଅପେକ୍ଷା ମିଥ୍ୟା କଥାକୁ ଅଧିକ ଭଲ ପାଉଅଛ ।'' (ଗୀତ ୫୨:୩) । (ଚ) ''ପାପଧାମ ଲୋକେ ଅନିଷ୍ଟ କଳ୍ପନା କରେ, ପୁଣି ତାହାର ଓଷ୍ଠରେ ଜ୍ୱଳନ୍ତ ଅଗ୍ନି ପରି ଥାଏ ।'' (ହିତ ୧୬:୨୭) (ଛ) ''ମୂର୍ଖର ଓଷ୍ଠ ବିବାଦରେ ପ୍ରବର୍ତ୍ତେ, ପୁଣି ତାହାର ମୁଖ ମାଡ଼ ଖାଇବାକୁ ଡାକେ ।'' (ହିତ ୧୮:୬) (ଜ) ଯେ

ହିଂସା ଆଚ୍ଛାଦନ କରେ, ତାହାର ଓଷ୍ଠାଧାର ମିଥ୍ୟାବାଦୀ, ପୁଣି ଯେ ଅପବାଦ ରଚନା କରେ ସେ ଅଜ୍ଞାନୀ।'' (ହିତ ୧୦:୧୮)। ଏହିପରି ସର୍ବନାଶକ ଦାୟକ ଜିହ୍ବାକୁ ଆମ୍ଭେମାନେ କିପରି ବୁଦ୍ଧିମାନ ରୂପେ ପରିଗଣିତ କରିପାରିବା ?

**III.** ଅନ୍ୟପକ୍ଷରେ ସେହି ଜିହ୍ବା ସୁମିଷ୍ଟ ଓ ମନୋହର କଥା ମଧ୍ୟ କହେ। ''ମନୋହର ଭାଷା ମଧୁଚାକ ସଦୃଶ୍ୟ, ତାହା ମନକୁ ସୁମିଷ୍ଟ ଅସ୍ଥିକି ସ୍ୱାସ୍ଥ୍ୟ।'' (ହିତ ୧୬:୨୪)। ବୁଦ୍ଧିମତୀ ସ୍ତ୍ରୀ ବିଷୟରେ ଜ୍ଞାନୀ ଶଲୋମନ କହନ୍ତି, ''ସେ ଜ୍ଞାନରେ ଆପଣା ମୁଖ ଫିଟାଏ, ତାହାର ଜିହ୍ବାରେ ଦୟାର ବ୍ୟବସ୍ଥା ଥାଏ।'' (ହିତ ୩୧:୨୬) ଜ୍ଞାନୀ ନମ୍ର କଥା ମନୁଷ୍ୟ ତଥା ଈଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଦାୟକ। ଲେଖାଯାଏ, ''ଆପଣା ମୁଖର ଉତ୍ତରରେ ମନୁଷ୍ୟର ଆନନ୍ଦ ହୁଏ, ପୁଣି ଯଥାକାଳର କଥା କେମନ୍ତ ଉତ୍ତମ !'' (ହିତ ୧୫:୨୩)। ''ଶାନ୍ତ ଜିହ୍ବା ଜୀବନ ବୃକ୍ଷ ସ୍ୱରୂପ, ପୁଣି କୁଟିଳ ଜିହ୍ବା ଆତ୍ମା ଭଙ୍ଗ କରେ।'' (ହିତ ୧୫:୪) ''ଯଥୋଚିତମତେ କଥିତ ବାକ୍ୟ ରୂପାପାତ୍ରରେ ସୁବର୍ଣ୍ଣ ନାରଙ୍ଗ ତୁଲ୍ୟ।'' (ହିତ ୨୫:୧୧)

''ମରଣ ଓ ଜୀବନ ଜିହ୍ବାର ଅଧିନ, ଯେଉଁମାନେ ତାକୁ ଭଲ ଜାଣନ୍ତି, ସେମାନେ ତାହାର ଫଳ ଭୋଗିବେ।'' (ହିତ ୧୮:୨୧) ''ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ।'' ବୋଲି ଯୀଶୁ ମାଥିଉ ୧୨:୩୭ ପଦରେ ସତର୍କ କରାନ୍ତି। ଈଶ୍ୱରଙ୍କ ଦତ୍ତ ଏହି ବାକ୍ୟଶକ୍ତି ଦାନକୁ ସଦ୍‌ବ୍ୟବହାର କରି ତାହାଙ୍କ ଆଜ୍ଞାଧିନ ହୋଇ ରହିଲେ ଅନନ୍ତ ଜୀବନର ଅଧିକାରୀ ହୋଇପାରିବା।

**- Lottie Bethob**

❋❋❋

. A lamb for a household. (Exo.12:3).
ı. The lamb should be without blemish. (Exo.12:5a).
:. It should be either sheep or goats. (Exo.12:5b).
l. They were to roast the meat and eat it. (Exo.12:8a).
:. With unleavened bread and bitter herbs. (Exo.12:8b,c).
: Burn the leftovers by the morning. (Exo.12:10).
3. The laws regarding who shall keep the Passover.
l. Whoever is defiled by the dead and were out of the camp weren't able to keep the Passover. (Num.9:6).
2. They were not able to offer the sacrifice unto the Lord. (Num.9:8).
3. Whoever wasawaywas to observe in the next month. (Num.9:10–11).
4. Everyone else was required to observe the Passover. (Num.9:13).
5. The strangers were forbidden to observe the Passover. (Exo.12:43).
6. Only circumcised are to be observing the Passover. (Num.9:14a,b).
7. They are not to be discriminated. (Num.9:14c,d).
C. Israel's observance of the Passover.
1. Israel observed the first Passover in Egypt. (Exo.12:28).
2. Even in the wilderness the Israel observed the Passover. (Num.9:5).
3. They observed the Passover after they crossed Jordan. (Jos.5:11).
4. King Hezekiah observed the Passover feast. (2Chr.30:15).
5. King Josiah kept it in the eighteenth year of his reign. (2Chr.35:19).
II. Why and how is it observed in the Christian age?
A. Christ observed the Passover feast.
1. The disciples asked where He will observe the Passover. (Mrk.14:12).
2. He sent themto find a man carrying a pitcher of water. (Mrk.14:13).
3. That man would show them the room for the Passover. (Mrk.14:15).
4. Disciples prepared the Passover feast. (Mrk.14:16).
5. Jesus took bread, gave thanks, broke it and gave to the disciples. (Mrk.14:22a,b).
6. The bread represented His body. (Mrk.14:22c).
7. He took cup gave thanks and told them to drink, it represents His blood. (Mrk.14:24)
8. It was His last supper in this world. (Mrk.14:25).
B. The Passover in Christian age.
1. Christ is the Passover Lamb. (1Cor.5:7).
2. His death occurred in connection to the Passover feast. (Jon.19:36).
3. His bones weren't broken like the Passover Lamb. (Jon.19:36).
4. We are saved by the blood of Jesus Christ. (1Pet.1:18,19).
5. Jesus instituted the Lord's Supper at the Passover meal. (Mat.26:26).
6. The Lord's Supper meal consists of:
a. The unleavened bread.
b. It represents the body of Christ. (1Cor.10:16b).
c. The fruit of the vine.
d. It represents the blood of Christ. (1Cor.10:16a).
7. We are not to neglect partaking of the Lord's Supper. (Heb.10:25).

***Conclusion:*** 1. The Lord commanded the observance of Passover. (Num.9:3).
2. He gave them specific laws regarding the Passover:
a. Time of the year to observe the festival. (Exo.12: 6).
b. Meal that needs to be eaten. (Exo.12:3 – 5).

c. The people that are to observe the Passover Feast. (Num.9:6 – 13).

3. Israel observed the Passover.

a. First time in Egypt. (Exo. 12:28).

b. They observed it even in wilderness.(Num.9:5).

c. They observed it after crossing the Jordan.(Jos.5:10).

d. King Hezekiah observed the Passover. (2Chr.30:15)

e. King Josiah observed the Passover in the eighteenth year of his reign. (2Chr.35:19).

4. Christ observed the Passover feast with His disciples.(Mrk.14:16 – 23).

5. Christ is our Passover Lamb. (1Cor.5:7).

6. The Lord's supper meal consists of:

a. The unleavened bread representing His body. (Matt.26:26).

b. The fruit of the vine representing the blood. (Matt.26:27).

7. Christians are to observe the Lords Supper every Lord's day without fail. (Heb. 10:25).

*Ronnie Gootam.*

**Printed Book Only**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)